# Akashvani, Sambalpur

## SAMBALPURI NEWS BULLETIN

### 31 January 2026 – 6.47- 6.52 am.

*********************************************

ରାଜ୍ୟପାଲ୍-ମୟୁର୍‌ଭଞ୍ଜ୍ ଉତ୍ସବ       I & PR

ସଂସ୍କୃତି ଆଉ ବିକାଶ୍ ଦୁହେ ଦୁହିକର୍ ପରିପୂରକ୍ ଆନ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ଉତ୍କଳ ମଣ୍ଡପ୍ ଠାନେ ଗଲାକାଏଲ୍ ମୟୁର୍‌ଭଞ୍ଜ୍ ଉତ୍ସବ୍‌କେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ କହିଛନ୍, ଏନ୍ତାସବୁ ଉତ୍ସବ୍ ଅତୀତ ଆଉ ଭବିଷ୍ୟତ୍ ଭିତ୍‌ରେ ଗୁଟେ ବର୍‌କସ୍ ସେତୁ ଭାବେ କାମ୍ କର୍‌ସନ୍ । ସାଂସ୍କୃତିକ୍ ମୂଲ୍ୟବୋଧ ଜୀବନ୍ତ ରଖିବାର୍ ସହେତେ ସନ୍ତୁଳିତ ଆଉ ସମାବେଶୀ ବିକାଶ୍‌କେ ତହଁକାସନ୍ । ମୟୁର୍‌ଭଞ୍ଜ୍ ଉତ୍ସବ୍ ବାଗିର୍ ଉତ୍ସବ୍ ବିବିଧତା ଭିତ୍‌ରେ ଏକତା, ପରମ୍ପରା ଭିତ୍‌ରେ ଶକ୍ତି ଆଏ ବଲି ରାଜ୍ୟପାଲ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଗଞ୍ଜାମ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଗଞ୍ଜାମ୍ ଜିଲ୍ଲା ଗୋପାଲପୁର୍ ବେଳାଭୂମି ମହୋତ୍ସବର୍ ଉଦ୍‌ଯାପନୀ ସମାରୋହଥି

ଯୋଗ୍‌ଦେଇକରି ୪ ଶହ ୯୨ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ଇତାର୍‌ଭିତ୍‌ରେ ୫୦ କୋଟି ଟଙ୍କାର୍ ୧୫ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଥିବାର୍ ବେଲେ ୪ ଶହ ୪୨ କୋଟି ୬୪ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଗୋପାଲ୍‌ପୁର୍ ବେଲାଭୂମିର୍ ସୌନ୍ଦର୍ଯ୍ୟକରଣ୍ ଲାଗି ୩୨ କୋଟି ଟଙ୍କା ଖର୍ଚ୍ଚା କରାଯିବା, ବ୍ରହ୍ମପୁର୍ ବିଶ୍ୱବିଦ୍ୟାଳୟ ନ ଉପେନ୍ଦ୍ରଭଞ୍ଜ ଚେୟାର୍ ପୁନଃ ଥାପ୍‌ନା କରାଯିବାର୍ ସହେତେ କବି ସମ୍ରାଟଙ୍କର୍ ଜୟନ୍ତୀକେ ରାଜ୍ୟସ୍ତରୀୟ ଉତ୍ସବ୍ ଭାବେ ପାଲନ୍ କରାଯିବା ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷ୍‌ନା କରିଛନ୍ । ଗୋପାଲ୍‌ପୁର୍ ମହୋତ୍ସବ୍ ଇତିହାସ୍, ପରମ୍ପରା, ସଂସ୍କୃତିର୍ ଆର୍ ପ୍ରକୃତିର୍ ଗୁଟେ ସୁନ୍ଦର୍ ସମନ୍ୱୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଓଡ଼ିଶା ପରବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ କଳା, ସଂସ୍କୃତି, ପରମ୍ପରା ଆର୍ ବୈଭବ୍‌କେ ପ୍ରଦର୍ଶିତ୍ କରୁଥିବା ପରବ-୨୦୨୬ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସାମ୍‌ର ଗୁଆହାଟୀ ଠାନେ ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ଶ୍ରୀମତୀ ପରିଡ଼ା କହିଛନ୍, ପରବ୍‌ଥି ରାଜ୍ୟର୍

ସମୃଦ୍ଧ ଐତିହ୍ୟ, ଖାଦ୍ୟ ଆଉ ପର୍ଯ୍ୟଟନ୍‌ର ପ୍ରଦର୍ଶନ୍ କରାଯାଉଛେ । ୩ ଦିନିଆ ଉତ୍ସବ୍‌ଥି ରାଜ୍ୟର୍ ୪ ଟା ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନେ ଯୋଗ୍ ଦେଇକରି କୋଟପାଡ଼୍ ବସ୍ତ୍ର, ସବାଇ ଘାସ ହସ୍ତଶିଳ୍ପ ଆଉ ପ୍ରମାଣିକ ଓଡ଼ିଆ ଖାଦ୍ୟକେ ଆସାମ୍ ନ ପ୍ରଦର୍ଶିତ୍ କରିକରି ସୃଜନଶୀଳତା ଆଉ ଉଦ୍ୟୋଗ୍‌କେ ଜାତୀୟସ୍ତର୍ ନ ପ୍ରତିପାଦ୍ କରୁଛନ୍ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ସୁପ୍ରିମ୍‌କୋର୍ଟ- ସାନୀଟାରୀ ପେଡ୍ ନିର୍ଦ୍ଦେଶ୍/ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଦ୍ୟାଳୟ ନ ପଢୁଥିବା ଛାତ୍ରୀମାନ୍‌କୁ ପରିବେଶ୍ ଅନୁକୂଲ୍ ସାନୀଟାରୀ ପେଡ୍ ଯୁଗେଇ ଦେବାର୍‌କେ ସୁପ୍ରିମ୍‌କୋର୍ଟ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଗୁଟେ ଜନସ୍ୱାର୍ଥ ମାମ୍‌ଲାର୍ ଶୁଣାଣି କରିକରି ସୁପ୍ରିମ୍‌କୋର୍ଟ କହିଛନ୍, ଦେଶର୍ ସବୁ ସର୍‌କାରୀ ଆଉ ଘରୋଇ ବିଦ୍ୟାଳୟମାନ୍‌କେ ପିଲା ଆଉ ଟୁକେଲ୍‌ମାନ୍‌କର୍ ଲାଗି ଅଲ୍‌ଗା ଅଲ୍‌ଗା ଶୌଚାଳୟ ବ୍ୟବସ୍ଥା କର୍‌ବାର୍‌କେ ପଡ୍‌ବା । ଦିବ୍ୟାଙ୍ଗ ଛାତ୍ରୀମାନ୍‌କର୍ ଲାଗି ଖାସ୍ ଶୌଚାଳୟ ବ୍ୟବସ୍ଥା କରାଯିବା । ଯେନ୍ ବିଦ୍ୟାଳୟ ନ ଇ ବ୍ୟବସ୍ଥା ନାଇଁନ ତାଙ୍କର୍ ବିରୋଧ୍‌ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ନିୟମ୍ ନାଇଁ ମାନ୍‌ଲେ ଘରୋଇ

ବିଦ୍ୟାଳୟମାନ୍‌କର୍ ମାନ୍ୟତା ରଦ୍ଦ କର୍‌ବାର୍‌କେ ସୁପ୍ରିମ୍‌କୋର୍ଟ କହିଛନ୍ ।

ବିଦ୍ୟା ସମୀକ୍ଷା କେନ୍ଦ୍ର          ପ୍ରେସ୍ ରିଲିଜ୍

ଭାରତ୍ ସର୍‌କାର୍‌ଙ୍କର୍ ଶିକ୍ଷା ମନ୍ତ୍ରଣାଳୟ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ନିର୍ଦ୍ଦେଶ୍ ଅନ୍‌ସାରେ ଓସେପା ତର୍‌ଫୁ ବିଦ୍ୟା ସମୀକ୍ଷା କେନ୍ଦ୍ର - ଭିଏସ୍‌କେ ଓଡ଼ିଶା ନ ଥାପ୍‌ନା କରାଯାଇଛେ । ଇତାର୍ ଜରିଏ ରାଏଜେ ଶିକ୍ଷା କ୍ଷେତ୍ର ଆଉ ଛାତ୍ରଛାତ୍ରୀମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ସମସ୍ୟା ମାନ୍‌କର୍ ସମାଧାନ୍ କରାଯାଇକରି ଭିନ୍ ଭିନ୍ ସେବା ଯୁଗେଇ ଦିଆଯିବା । ଇଥିର୍‌ଲାଗି ଓସେପା ତର୍‌ଫୁ ହେଲ୍ପ ଲାଇନ୍ ନମ୍ବର୍ ୧୮୦୦-୩୪୫୬-୭୨୨ ଜାରି କରାଯାଇଛେ ।

ପୂର୍ବତଟ ରେଲ୍‌ପଥ ମହାପ୍ରବନ୍ଧକ-ସମୀକ୍ଷା/ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବତଟ ରେଲ୍‌ପଥ ମହାପ୍ରବନ୍ଧକ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ ଗଲାକାଏଲ୍ ଟିଟିଲାଗଡ୍-ସମ୍ବଲ୍‌ପୁର୍ ରେଲ୍ ସେକ୍ସନ୍‌ର ସମୀକ୍ଷା କରିଛନ୍ । ରେଲ୍‌ସେକ୍ସନ୍‌ର ଭିନ୍ ଭିନ୍ ଷ୍ଟେସନ୍‌ର ନିରାପତା ବ୍ୟବସ୍ଥା, ଟ୍ରାଫିକ୍

ସୁବିଧା, ଯାତ୍ରୀଙ୍କର୍ ସୁବିଧା ଆଉ ଚାଲିଥିବା ଭିତିଭୂମି ନିର୍ମାଣ୍ କାମ୍ ବାବ୍‌ଦେ ଇ ଅବ୍‌ସରେ ଶ୍ରୀ ଫୁଙ୍କ୍‌ଓ୍ୱାଲ୍ ସମୀକ୍ଷା କରିଛନ୍ । ଟିଟିଲାଗଡ୍, ବଡ଼ମାଲ୍, ବଲାଙ୍ଗିର୍, ବର୍‌ପାଲି, ହୀରାକୁଦ୍ ଆଉ ସମ୍ବଲ୍‌ପୁର୍ ସହେତେ ଭିନ୍ ଭିନ୍ ଷ୍ଟେସନ୍ ନ ଇ ସବୁ ସମୀକ୍ଷା କରିଛନ୍ । ନିରାପଦ୍ ଆଉ ସୁଗମ୍ ଟ୍ରେନ୍ ଚଲାଚଲ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ଶ୍ରୀ ଫୁଙ୍କ୍‌ଓ୍ୱାଲ୍ ବୈଠକ୍‌ଥି ଜୋର୍ ଦେଇଛନ୍ ।

ବିଭିଜିରାମଜୀ ସଚେତନତା କର୍ମଶାଳା   ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଭୀମଭୋଇ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ପରିସର୍ ନ ବିକଶିତ ଭାରତ ଜୀ ରାମ୍‌ଜୀ ଆଇନ୍ ସଚେତନତା କର୍ମଶାଳା ହେଇଯାଇଛେ । କର୍ମଶାଳାଥି ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍‌ମନ୍ତ୍ରୀ ରବିନାରାୟଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାୟକ୍ କହିଛନ୍, ନୂଆଁ ଆଇନ୍ ଜରିଏ ହିତାଧିକାରୀମାନ୍‌କୁ ୨୫ ଦିନର୍ ଅଏତ୍‌କା ରୋଜ୍‌ଗାର୍ ମିଲ୍‌ବା । କାମ୍ ନାଇଁ ମିଲ୍‌ଲେ ଭତା ବ୍ୟବସ୍ଥା ଭିଲ୍ ରହିଛେ । ଗ୍ରାମ୍‌ସଭା ଜରିଏ ବିକଶିତ୍ ପଂଚାୟତ୍ ଯୋଜ୍‌ନା, ଜଳ ସୁରକ୍ଷା ଲାଗି ପଦକ୍ଷେପ୍ ନିଆଯାଇପାର୍‌ବା ।

ସଚେତନତା କାର୍ଯ୍ୟକ୍ରମ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲାର୍ ସୁନ୍‌ସୁନିଆ ମହାମାୟା ଆଇନ୍ ମହାବିଦ୍ୟାଲୟ ପରିସର୍ ନ କର୍ମକ୍ଷେତ୍ର ନ ମହିଲାଙ୍କୁ ଯୌନ ନିର୍ଯତନା, ତୃତୀୟ ଲିଙ୍ଗୀଙ୍କର୍ ଆଇନ୍‌ଗତ ଅଧିକାର୍, ଦେଓ୍ୱାନୀ ବ୍ୟବସ୍ଥାଥି ବିବାଦ୍‌ର ବିକଳ୍ପ ସମାଧାନ୍ ବାଗିର୍ ଭିନ୍ ଭିନ୍ ବିଷେକେ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ନବନୀତା ଦାସ, ଉପ ଆରକ୍ଷୀ ଅଧିକ୍ଷକ ମେର୍ସି ରାଣୀ ପୂର୍ତି ପ୍ରମୁଖ ଯୋଗ୍ ଦେଇକରି ଇ ସବୁ ବିଷେ ଉପ୍‌ରେ ଥିବା ଆଇନ୍‌ର ଭିନ୍ ଭିନ୍ ଦିଗ୍ ଉପ୍‌ରେ ବୁଝେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ରାତିର୍ ତାପମାତ୍ରା ଆଏଜ୍ ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇ ସମିଆଥି ପୁରୀ, ଖୋର୍ଦ୍ଧା, କଟକ୍ ଆଉ କେନ୍ଦ୍ରାପଡ଼ା ନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।